ମେସର୍ସ କେ. ଷ୍ଟ୍ରିଟଲାଇଟ୍ ଇଲେକ୍ଟ୍ରିକ୍ କର୍ପୋରେସନ

ବନାମ

ଆଞ୍ଚଳିକ ଅନୁଦାନ ପାଣ୍ଠି ଆୟୁକ୍ତ ହରିୟାଣା

ଏପ୍ରିଲ 9,2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଶିବରାଜ ଭି. ପାଟିଲ୍, ନ୍ୟାୟମୂର୍ତ୍ତିଦ୍ୱୟ]

*କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଆଇନ, 1952 - ଧାରା 14 - B ଏବଂ 20 - ଭବିଷ୍ୟନିଧି ପାଣ୍ଠିରେ ଅବଦାନର ବିଳମ୍ବିତ ଜମା ପାଇଁ କ୍ଷତି - କାର୍ଯ୍ୟ ଆରମ୍ଭ କରିବାରେ ବିଳମ୍ବ - କ୍ଷତିର ଗଣନା - ନିଷ୍ପତ୍ତି ହେଲା, କାର୍ଯ୍ୟକୁ ରଦ୍ଦ କରିବା ପାଇଁ କୌଣସି କାରଣ ନାହିଁ ଯଦି ପକ୍ଷପାତର ନିର୍ଦ୍ଦିଷ୍ଟ ଯୁକ୍ତି ଉଠାଇ ଏବଂ ପ୍ରତିଷ୍ଠିତ ନହୁଏ - ମୋଟ କ୍ଷତିପୂରଣର 25 ପ୍ରତିଶତ ପର୍ଯ୍ୟନ୍ତ କ୍ଷତି ଧାର୍ଯ୍ୟ ।*

**ଆବେଦନକାରୀ-ଆୟୁକ୍ତ, କର୍ମଚାରୀ ଭବିଷ୍ୟନିଧି ଏବଂ ବିବିଧ ବ୍ୟବସ୍ଥା ଆଇନ, 1952 ର ଧାରା 14-B ଅନୁଯାୟୀ, ଜୁଲାଇ 1976 ରୁ ଜୁନ୍ 1980 ପର୍ଯ୍ୟନ୍ତ ସମୟ ପାଇଁ ପାଣ୍ଠିରେ ଅଂଶଦାନ ବିଳମ୍ବିତ ଭାବେ ଜମା କରିବା ନିମନ୍ତେ କ୍ଷତିପୂରଣ ଆଦାୟ କରିବା ପାଇଁ ଆବେଦନକାରୀ-ନିଗମକୁ କାରଣ ଦର୍ଶାଅ ବିଜ୍ଞପ୍ତି ଜାରି କରିଥିଲେ । ଉତ୍ତରଦାତା , ଏକ ଆଦେଶ ଦ୍ୱାରା, 88, 731.25 ଟଙ୍କାର କ୍ଷତିପୂରଣ ଲାଗୁ କରିଥିଲେ । ଆବେଦନକାରୀ ଏହି ଆଦେଶ କୁ ଆପତ୍ତି କରି ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ, ଏହାକୁ ଖାରଜ କରିଦେଇଥିଲେ ।**

**ଏହି ଅଦାଲତରେ ଆବେଦନ କରି, ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ ଉତ୍ତରଦାତା, ଖିଲାପ ଅବଧି ଠାରୁ 6 ରୁ 10 ବର୍ଷ ପରେ ବିଳମ୍ବରେ ଆଇନ ଅନୁସାରେ କ୍ଷତିପୂରଣ ଆଦାୟ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲେ; ଏବଂ କ୍ଷତିପୂରଣ ଲାଗୁ କରିବା ସମ୍ବନ୍ଧୀୟ ଉତ୍ତରଦାତାଙ୍କ ଆଦେଶ, ଅଧିନିୟମର ଧାରା 20 ଅନୁସାରେ କେନ୍ଦ୍ର ସରକାର ଜାରି କରିଥିବା ନିର୍ଦ୍ଦେଶିକାରେ ଉଲ୍ଲେଖ ହୋଇଥିବା ହାର ସହ ସମନ୍ୱୟରେ ନଥିଲା ।**

**ଆଂଶିକ ଭାବରେ ଆବେଦନକୁ ଅନୁମତି ଦେଇ ଏହି ନ୍ୟାୟାଳୟ**

**ରାୟ ଦେଲେ : କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଅଧିନିୟମ 1952 ର ଧାରା 14-B ଅନୁସାରେ କାର୍ଯ୍ୟବାହୀ ଆରମ୍ଭ କରିବାରେ ବିଳମ୍ବ, କ୍ଷତିପୂରଣ ଲାଗୁ କରିଥିବା ଆଦେଶକୁ ବାତିଲ୍ କରିବାର ଆଧାର ହେବ ନାହିଁ, ଯେପର୍ଯ୍ୟନ୍ତ ପ୍ରଭିଡେଣ୍ଟ ଫଣ୍ଡ କମିଶନରଙ୍କ ସମ୍ମୁଖରେ ଏବଂ ସଂସ୍ଥା ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ପକ୍ଷପାତିତା ହୋଇଥିବାର ଦାବି ଉଠାଯାଇନଥାଏ ।**

*ହିନ୍ଦୁସ୍ତାନ ଟାଇମ୍ସ ଲିମିଟେଡ* ବନାମ *ଭାରତ ସଂଘ ଏବଂ ଅନ୍ୟମାନେ, [1998]* 2 ଏସ. ସି. ସି. 242 ନିର୍ଭରଶୀଳ ।

**2. ଦେୟରେ ବିଳମ୍ବ ପାଇଁ ଉତ୍ତରଦାତା ଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା କ୍ଷତିର ଗଣନାର ବିବୃତିରୁ, ବିଭିନ୍ନ ଅବଧିର ଖିଲାପ ପାଇଁ ବିଭିନ୍ନ ହାରରେ ଜୋରିମାନା ଲାଗୁ କରିବା ପ୍ରସଙ୍ଗରେ ଗ୍ରହଣ କରାଯାଇଥିବା ଯୁକ୍ତିକୁ ବୁଝିବା ସମ୍ଭବ ନୁହେଁ । ଲାଗୁ କରାଯାଇଥିବା ମୋଟ କ୍ଷତିର 25 ପ୍ରତିଶତ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିଚାର ଉପରେ ଲାଗୁ ହେବାକୁ ଥିବା କ୍ଷତିକୁ ସୀମିତ ରଖିବା ଉଚିତ ।**

ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 6498/1998

C.W.P. No. 3841/1987 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 30.6.98 ର ରାୟ ଏବଂ ଆଦେଶରୁ ।

ଆବେଦନକାରୀ ତରଫରୁ ଏ. ପି. ଭଣ୍ଡାରି ଏବଂ ଏସ୍. ସି. ପଟେଲ ।

ଉତ୍ତରଦାତା ପାଇଁ ଅନୁପ ଜର୍ଜ ଚୌଧୁରୀ, ସୁଶ୍ରୀ ବି. ସୁନୀତା ରାଓ, ସି. ରାଧାକୃଷ୍ଣ ଏବଂ ଅରବିନ୍ଦ କୁମାର ଶର୍ମା ।

**ରାଜେନ୍ଦ୍ର ବାବୁ, ନ୍ୟାୟମୂର୍ତ୍ତିଙ୍କ** ଦ୍ୱାରା ଅଦାଲତର ରାୟ ପ୍ରଦାନ କରାଯାଇଥିଲା । କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ଏବଂ ବିବିଧ ବ୍ୟବସ୍ଥା ଆଇନ, 1952 [ଏଠାରେ 'ଆଇନ' ଭାବରେ ଉଲ୍ଲେଖ କରାଯାଇଛି] ର ଧାରା 14 - B ଅନୁଯାୟୀ ଜୁଲାଇ 1976 ରୁ ଜୁନ୍ 1980 ପର୍ଯ୍ୟନ୍ତ କ୍ଷତି ଆବେଦନକାରୀଙ୍କ ଉପରେ କାହିଁକି ଲାଗୁ କରାଯିବ ତାହାର କାରଣ ଦର୍ଶାଇବା ପାଇଁ ଡିସେମ୍ବର 30, 1986 ରେ ବିଜ୍ଞପ୍ତି ଜାରି କରାଯାଇଥିଲା । 13 ମାର୍ଚ୍ଚ, 1987 ତାରିଖରେ ଉତ୍ତରଦାତାଙ୍କ ଦ୍ୱାରା ଏକ ଆଦେଶ ଜାରି କରାଯାଇଥିଲା, ଯାହାଦ୍ୱାରା ଭବିଷ୍ୟନିଧି ପାଣ୍ଠି ଅର୍ଥର ବିଳମ୍ବିତ ଜମା ପାଇଁ 88,731.25 ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଲାଗୁ କରାଯାଇଥିଲା । ଆବେଦନକାରୀ ଦାବି କରିଥିଲେ

ଯେ, କିଛି ମାମଲାରେ ଟଙ୍କା ଜମା କରିବାରେ ବିଳମ୍ବ କେବଳ କିଛି ଦିନର ଥିଲା; ତଥାପି ଉତ୍ତରଦାତା ଅଧିକାଂଶ ମାମଲାରେ 100 ପ୍ରତିଶତ ହାରରେ କ୍ଷତିପୂରଣ ନିର୍ଦ୍ଧାରଣ କରିଥିଲେ ଏବଂ ଉତ୍ତରଦାତାଙ୍କର ବାସ୍ତବ କ୍ଷତି କେବଳ 664 ଟଙ୍କା ପର୍ଯ୍ୟନ୍ତ ସୀମିତ ଥିଲା । 13 ମାର୍ଚ୍ଚ, 1987 ର ଆଦେଶକୁ ଆହ୍ୱାନ କରି, ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରି ଯୁକ୍ତି ଦେଇଥିଲେ ଯେ, ଏହି ଆଦେଶଟି 3 ନଭେମ୍ବର, 1982 ରେ ଜାରି ହୋଇଥିବା ନିର୍ଦ୍ଦେଶାବଳୀ ସହ ସମଞ୍ଜସ ନୁହେଁ; ଏହା ଅତ୍ୟଧିକ ବିଳମ୍ବିତ ପର୍ଯ୍ୟାୟରେ ପାରିତ କରାଯାଇଛି, କାରଣ ଜୁଲାଇ 1976 ରେ ସମାପ୍ତ ହୋଇଥିବା ଅବଧି ପାଇଁ 1987 ମସିହାରେ ବିଜ୍ଞପ୍ତି ଜାରି କରାଯାଇଥିଲା; ଏବଂ ଅଧିନିୟମ ର ସଂଶୋଧନ ପରେ ଅନୁଚ୍ଛେଦ 32 (A) ନିମ୍ନଲିଖିତ ଭାବରେ ଯୋଜନାରେ ଭର୍ତ୍ତି କରାଯାଇଥିଲା:

| ଖିଲାପ ଅବଧି | କ୍ଷୟକ୍ଷତିର ହାର [ପ୍ରତିବର୍ଷ ବକେୟା ଶୁଳ୍କର ପ୍ରତିଶତ] |
|---|---|
| (a) ଦୁଇ ମାସରୁ କମ୍ | 17 |
| ( b) ଦୁଇ ମାସ ଏବଂ ତା' ଠାରୁ ଅଧିକ କିନ୍ତୁ ଚାରି ମାସ ଠାରୁ କମ୍ | 22 |
| ( c) ଚାରି ମାସ ଏବଂ ତା' ଠାରୁ ଅଧିକ କିନ୍ତୁ ଛଅ ମାସରୁ କମ୍ | 27 |
| ( d) ଛଅ ମାସ ଏବଂ ତା 'ଠାରୁ ଅଧିକ | 37 |

ଉତ୍ତରଦାତା ଏହି ମତ ଗ୍ରହଣ କରି ରିଟ୍ ପିଟିଶନ୍‌ର ବିରୋଧ କରିଥିଲେ ଯେ, କ୍ଷତିପୂରଣ ଆଇନ ଅନୁଯାୟୀ ଧାର୍ଯ୍ୟ କରାଯାଇଛି । ଉଚ୍ଚ ନ୍ୟାୟାଳୟଙ୍କ ଦୁଇ ଜଣିଆ ନ୍ୟାୟାମୂର୍ତ୍ତିଙ୍କ ଖଣ୍ଡପୀଠ ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ରିଟ୍ ଆବେଦନକୁ ଖାରଜ କରିଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଏହି ଆବେଦନରେ ଏହା ଦାବି କରାଯାଇଛି ଯେ:

(i) ଆବେଦନକାରୀଙ୍କ ଦ୍ୱାରା ହୋଇଥିବା ଖିଲାପ ବିଷୟରେ କୁହାଯାଇଥିବା 10 ରୁ 6 ବର୍ଷ ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ବହୁତ ବିଳମ୍ବରେ ଆରମ୍ଭ ହୋଇଛି; ଏବଂ

(ii) କେନ୍ଦ୍ର ସରକାର ଆଇନର ଧାରା 20 ଅନୁସାରେ ଏହିପରି ନିର୍ଦ୍ଦେଶ ଦେଇଥିଲେ ଯେ ପ୍ରତିବର୍ଷ 25 ଶତାଂଶ ହାରରେ କ୍ଷତିପୂରଣ ଆଦାୟ କରାଯାଇପାରିବ ।

ଏହି ଦୁଇଟି ଯୁକ୍ତିକୁ ଉଚ୍ଚ ନ୍ୟାୟାଳୟ ଖାରଜ କରିଦେଇଥିଲେ । ପ୍ରଥମତଃ, ଅଧିନିୟମର ଧାରା 14-B ଅଧୀନରେ କାର୍ଯ୍ୟବାହୀ ଆରମ୍ଭ କରିବାରେ ହୋଇଥିବା ବିଳମ୍ବ, କ୍ଷତିପୂରଣ ଧାର୍ଯ୍ୟ କରୁଥିବା ଆଦେଶକୁ ବାତିଲ କରିବା ପାଇଁ ଆଧାର ହେବ ନାହିଁ, ଯେପର୍ଯ୍ୟନ୍ତ ଭବିଷ୍ୟନିଧି ପାଣ୍ଠି କମିଶନରଙ୍କ ସମ୍ମୁଖରେ କ୍ଷତିଗ୍ରସ୍ତ ହେବା ସମ୍ପର୍କିତ ନିର୍ଦ୍ଦିଷ୍ଟ ଆପତ୍ତି ଉଠାଯାଇ ତାହା ପ୍ରମାଣିତ କରାଯାଏ; ଏବଂ ଆହୁରି, କେନ୍ଦ୍ର ସରକାରଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶମାନଙ୍କର କୌଣସି ବାଧ୍ୟକାରୀ ପ୍ରଭାବ ନାହିଁ । ଏହି ନିଷ୍କର୍ଷକୁ ପହଞ୍ଚିବା ପାଇଁ ଉଚ୍ଚ ନ୍ୟାୟାଳୟ, *ହିନ୍ଦୁସ୍ତାନ ଟାଇମ୍ସ ଲିମିଟେଡ୍* ବନାମ *ଭାରତ ସଂଘ ଏବଂ ଅନ୍ୟମାନେ*, [1998] 2 SCC 242 ମାମଲାରେ ଏହି ଆଦାଲତର ନିଷ୍ପତ୍ତିକୁ ଉଲ୍ଲେଖ କରିଥିଲେ । ସେହି ମାମଲାରେ, ଏହି ଅଦାଲତ ଆଦେଶ ପାରିତ କରିବାରେ ବିଳମ୍ବ ସମ୍ବନ୍ଧରେ ଅଧିନିୟମ ବ୍ୟବସ୍ଥାଗୁଡ଼ିକର ଯୋଜନାକୁ ଯାଞ୍ଚ କରିଥିଲେ । ଏହା କୁହାଯାଇଥିଲା ଯେ କେବଳ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହେବା କିମ୍ବା କ୍ଷତି ପୂରଣ ଦାବି କରିବା କେବଳ କିଛି ବର୍ଷ ପରେ କରାଯିବା ଦ୍ୱାରା, ନିଯୁକ୍ତିଦାତାଙ୍କୁ ଧାରା 14-B ଅନୁଯାୟୀ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ବିଶ୍ୱାସ କରାଯାଇଥିଲା ଏବଂ ଏପରି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାରେ ବିଳମ୍ବ ପକ୍ଷପାତ ବୋଲି ପ୍ରମାଣିତ ହୋଇପାରିବ ନାହିଁ କାରଣ ଏପରି ବିଳମ୍ବ ନିଯୁକ୍ତିଦାତାଙ୍କୁ ତାଙ୍କ ନିଜ ଉଦ୍ଦେଶ୍ୟରେ କିମ୍ବା ତାଙ୍କ ବ୍ୟବସାୟ ପାଇଁ ଟଙ୍କା ବ୍ୟବହାର କରିବାକୁ ଅନୁମତି ଦେବ, ବିଶେଷକରି ଯେତେବେଳେ ଏପରି ପରିମାଣ ଉପରେ ସୁଧ ଆଦାୟ ପାଇଁ କୌଣସି ଅତିରିକ୍ତ ବ୍ୟବସ୍ଥା ନାହିଁ । ତଥାପି, ନିୟୋଜକ କ୍ଷତିଗ୍ରସ୍ତ ହୋଇଥିବାର ଦାବି କରିପାରିବେ, ଯଦି ଏହାର ପ୍ରମାଣ ରହେ ଯେ ଅପରିଶୋଧ ଅବଧି ଏବଂ ଧାରା 14-B ଅନୁସାରେ କାର୍ଯ୍ୟବାହୀ ଆରମ୍ଭ ହେବାର ତାରିଖ ମଧ୍ୟରେ ସେ ନିଜ ସ୍ଥିତିକୁ ଏପରି ଭାବେ ନିଜ କ୍ଷତିରେ ପରିବର୍ତ୍ତନ କରିଥିଲେ ଯେ, ବହୁ ବର୍ଷ ପରେ ଯଦି ଆଦାୟ କରାଯାଏ, ତେବେ ତାଙ୍କ ପ୍ରତି ହୋଇଥିବା କ୍ଷତି ଅପୂରଣୀୟ ସ୍ୱଭାବର ହେବ । ଏପରି କ୍ଷତିକୁ ଏହି କାରଣ ଦର୍ଶାଇ ମଧ୍ୟ ସ୍ଥାପିତ କରାଯାଇପାରିବ ଯେ, ସମ୍ବନ୍ଧିତ କର୍ମଚାରୀମାନଙ୍କର ଅଭିଲେଖ ଉପଲବ୍ଧ ନଥିବାରୁ, ଦେୟ ଅର୍ଥ ପ୍ରଦାନରେ ବିଳମ୍ବ ହେବା ପାଇଁ କିଛି ଯୁକ୍ତିସଙ୍ଗତ ଆଧାର

ଥିଲା ବୋଲି ପ୍ରମାଣ କରିହେବ ନାହିଁ । ଏହିପରି, ଏହି ନ୍ୟାୟାଳୟର ମତ ଥିଲା ଯେ, ଏପରି ବିଳମ୍ବ ମାତ୍ରରେ ସ୍ୱତଃ କୌଣସି ପ୍ରତିକୂଳ ପ୍ରଭାବ ସୃଷ୍ଟି ହେବ ନାହିଁ । ବର୍ତ୍ତମାନର ମାମଲାରେ, ଉଚ୍ଚ ନ୍ୟାୟାଳୟ ଜାଣିବାକୁ ପାଇଲେ ଯେ ଏପରି କୌଣସି ପ୍ରତିକୂଳ ପ୍ରଭାବ ଦାବି କିମ୍ବା ପ୍ରମାଣିତ ହୋଇନାହିଁ । ତେଣୁ ପ୍ରଥମ ଯୁକ୍ତିକୁ ପ୍ରତ୍ୟାଖ୍ୟାନ କରାଯାଇଛି ।

ଏହି ପ୍ରସଙ୍ଗରେ ଆମେ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଥିବା ଦୃଷ୍ଟିକୋଣରେ ଦ୍ୱିତୀୟ ଯୁକ୍ତିକୁ ଯାଞ୍ଚ କରିବାର ଆବଶ୍ୟକତା ନାହିଁ । ଧରାଯାଉ ଯେ ଅଧିନିୟମର ଧାରା 20 ଅନୁସାରେ କେନ୍ଦ୍ର ସରକାରଙ୍କ ଜାରି କରାଯାଇଥିବା ନିର୍ଦ୍ଦେଶମାନେ ପ୍ରତିବାଦୀଙ୍କ ଉପରେ ବାଧ୍ୟକାରୀ ନୁହନ୍ତି, ତଥାପି କ୍ଷତିପୂରଣର ମୂଲ୍ୟାୟନ କରିବା ସମୟରେ କ୍ଷତିପୂରଣର ରାଶି କେମିତି ଧାର୍ଯ୍ୟ କରାଯାଇଛି ତାହାକୁ ଧ୍ୟାନରେ ନେବା ଆବଶ୍ୟକ ହେବ ଏବଂ ଅଧିନିୟମର ଧାରା 14-B ଅନୁସାରେ କେତେ ହାରର କ୍ଷତିପୂରଣ ଧାର୍ଯ୍ୟ କରାଯିବା ଉଚିତ୍, ତାହାକୁ ଯଥାଯଥ ଭାବେ ବିଚାର କରିବାକୁ ପଡ଼ିବ । ଅର୍ଥ ପ୍ରଦାନରେ ବିଳମ୍ବ ସମ୍ବନ୍ଧରେ ଉତ୍ତରଦାତାଙ୍କ ଦ୍ୱାରା ପ୍ରସ୍ତୁତ ହିସାବ ବିବରଣୀରୁ ପ୍ରକାଶ ପାଉଛି ଯେ ପ୍ରତିବାଦୀ ବିଭିନ୍ନ ହାରରେ କ୍ଷତିପୂରଣ ଲାଗୁ କରିଥିଲେ; ଉଦାହରଣ ସ୍ୱରୂପ, ଜୁଲାଇ 1976 ମାସ ପାଇଁ କ୍ଷତିପୂରଣର ହାର 50 ଶତାଂଶ ଥିଲା, ଯେଉଁଥିରେ ତ୍ରୁଟିର ଅବଧି ଏକ ମାସରୁ ଅଧିକ ଥିଲା; ଯେତେବେଳେ ଡିସେମ୍ବର 1976 ମାମଲାରେ, ବିଳମ୍ବର ଅବଧି ଦୁଇ ମାସରୁ ଅଧିକ ଥିଲେ ମଧ୍ୟ ଆବେଦନକାରୀଙ୍କ ଉପରେ 20 ଶତାଂଶ ହାରରେ କ୍ଷତିପୂରଣ ଲାଗୁ କରାଯାଇଥିଲା; ଏବଂ ଏପ୍ରିଲ୍ 1988 ର ବିଳମ୍ବ ମାମଲାରେ, ବିଳମ୍ବର ଅବଧି କେବଳ ଏକ ମାସ ଥିଲେ ମଧ୍ୟ 30 ଶତାଂଶ ହାରରେ କ୍ଷତିପୂରଣ ଲାଗୁ କରାଯାଇଥିଲା । କିଛି ମାମଲାରେ, ଯଥା ଅକ୍ଟୋବର 1977 ରେ, 15 ଦିନରୁ କମ୍ ବିଳମ୍ବ ହୋଇଥିଲେ ମଧ୍ୟ 85 ଶତାଂଶ ହାରରେ କ୍ଷତିପୂରଣ ଲାଗୁ କରାଯାଇଥିଲା, ଯେତେବେଳେ ଅନ୍ୟ ଗୋଟିଏ ଅବଧି ପାଇଁ ବିଳମ୍ବ ଛଅ ମାସ ଥିଲେ ମଧ୍ୟ 65 ଶତାଂଶ କ୍ଷତିପୂରଣ ଆଦାୟ କରାଯାଇଥିଲା । ତେଣୁ, ଦଣ୍ଡବିଧାନ ପ୍ରସଙ୍ଗରେ ଉତ୍ତରଦାତା ଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଯୁକ୍ତିକୁ ବୁଝିବା ସମ୍ଭବ ନୁହେଁ । ଏହି ପରିସ୍ଥିତିରେ, ଆମ ପାଇଁ ଆଦେଶକୁ ବାତିଲ୍ କରି ମାମଲାକୁ ପୁନର୍ବିଚାର ପାଇଁ ଉତ୍ତରଦାତାଙ୍କ ପାଖକୁ ପଠାଇବା ଉଚିତ ହୋଇଥାନ୍ତା, କିନ୍ତୁ ଏତେ ଦୀର୍ଘ ସମୟ ପରେ ଏପରି ପଦକ୍ଷେପ ଆବଶ୍ୟକ ବୋଲି ଆମେ ମନେ କରୁନାହୁଁ । ଏହି ମାମଲାରେ ପ୍ରଭିଡେଣ୍ଟ ଫଣ୍ଡ ପାଇଁ ଦେୟ ରାଶି ପୂର୍ବରୁ ହିଁ ଜମା କରାଯାଇଛି ଏବଂ ଏହି ନ୍ୟାୟାଳୟ 18 ଡିସେମ୍ବର, 1998 ତାରିଖର ଆଦେଶ ମାଧ୍ୟମରେ ଉଦ୍ଧାର କରିବାକୁ ଚାହିଁଥିବା କ୍ଷତିପୂରଣ ରାଶିର 75 ପ୍ରତିଶତ ପର୍ଯ୍ୟନ୍ତ ଅନ୍ତର୍ବର୍ତ୍ତୀ ରାହତ ପ୍ରଦାନ କରିଥିଲେ, ଯେତେବେଳେ ବିବାଦୀୟ କ୍ଷତିପୂରଣ ରାଶି (ଅର୍ଥାତ୍ 88,731.25 ଟଙ୍କା) ରୁ 25

ପ୍ରତିଶତ ପୂର୍ବରୁ ହିଁ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ବିଷୟକୁ ଦୃଷ୍ଟିରେ ରଖି, ଆମେ ଭାବୁଛୁ, ଏହି ମାମଲାରେ ଲାଗୁ କରାଯାଇଥିବା ମୋଟ କ୍ଷତିର 25 ପ୍ରତିଶତ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବିଚାର ଉପରେ ଲାଗୁ ହେବାକୁ ଥିବା କ୍ଷତିକୁ ସୀମିତ ରଖିବା ଉଚିତ ।

ତେଣୁ ଏହି ଆବେଦନକୁ ଆଂଶିକ ଭାବେ ଅନୁମତି ଦିଆଯାଇଛି ଏବଂ ଭବିଷ୍ୟନିଧି ପାଣ୍ଠି ଆୟୁକ୍ତଙ୍କ ଦ୍ୱାରା ଦିଆଯାଇଥିବା ଆଦେଶ କୁ ସେହି ଅନୁଯାୟୀ ସଂଶୋଧନ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ବି.ଏସ୍. ଆଂଶିକ ଭାବେ ଆବେଦନକୁ ଅନୁମତି ଦିଆଯାଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର:
ଅନୁବାଦିକା:
ତପସ୍ୱିନୀ ବିଶ୍ୱାଳ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ,
କଟକ ।